# ଯାଜପୁର ଶିଳ୍ପ କ୍ଷେତ୍ର ପାଇଁ ୧ ଲକ୍ଷ କୋଟି ମଞ୍ଜୁର ହେବ: ମୁଖ୍ୟମନ୍ତ୍ରୀ



ଧର୍ମଶାଳା ମହୋତ୍ସବ ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କ ସମେତ ଅନ୍ୟ ବିଧାୟକମାନେ ।

## ମିକା ସିଂଙ୍କ ଗୀତରେ ନାଚିଲେ ଦର୍ଶକ



ଧର୍ମଶାଳା ମହୋତ୍ସବର ଦଶମ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ କଣ୍ଠଶିଳ୍ପୀ ମିକା ସିଂ ଯୋଗଦେଇ ସଂଗୀତ ପରିବେଷଣ କରିଛନ୍ତି। ତାଙ୍କର ହୁମା ହୁମା, ଦେଖା ତୋ ତୁଝେ ୟାର ଭଳି ଅନେକ ଗୀତରେ ଦର୍ଶକ ଝୁମିଛନ୍ତି। ସେହିପରି ଅପନି ତୋ ଜେସେ ଜେଶେ ଏବଂ ଓଃ ଓଃ ଜାନେ ଜାନା ଗୀତକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ବହୁ ଜନ ସମାଗମ ହୋଇଥିଲା। ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ଧର୍ମଶାଳା ମହୋତ୍ସବର ଦଶମ ସନ୍ଧ୍ୟା**

ଧର୍ମଶାଳା/କାଏମା,୪।୧(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି/): ଧର୍ମଶାଳା ମହୋତ୍ସବର ଶନିବାର ଦଶମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜମି ଅଧିଗ୍ରହଣ ନିମନ୍ତେ ଅଧୁରା ରହିଥିବା ତୈଳ ପ୍ରକଳ୍ପ କାର୍ଯ୍ୟଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି। ଏଥିସହିତ ଯାଜପୁର ଶିଳ୍ପ କ୍ଷେତ୍ର ପାଇଁ ଓ ଯୁବକମାନଙ୍କୁ ରୋଜଗାର କ୍ଷମ କରିବା ନିମନ୍ତେ ଏକ ଲକ୍ଷ କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯାଜପୁରରେ ବଂସବାଦ ଶାସନ ଶେଷ କରିଥିବରୁ ଜିଲାବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଅପରାହ୍ନ ୪ଟା୩୦ରେ ମୁଖ୍ୟମନ୍ତ୍ରୀ ଚଣ୍ଡିଖୋଲ ଛକରେ ପହଞ୍ଚିବା ପରେ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ସେଠାରୁ ମୁଖ୍ୟମନ୍ତ୍ରୀ ଏକ ବିରାଟ ଶୋଭାଯାତ୍ରାରେ ଆସି ଜାରକା ମେଳଣ ପଡ଼ିଆଠାରେ ଆୟୋଜିତ ଧର୍ମଶାଳା ମହୋତ୍ସବରେ ପହଞ୍ଚିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲା ଭାଜପା ସଭାପତି ଗୌତମରାୟ, ମହୋତ୍ସବ କମିଟି ସଭାପତି ରବିନାରାୟଣ ସାହୁ, ସଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କୁନିକୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଦେବରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଦେଇଥିଲେ। ଜିଲା ଭାଜପା ସଭାପତି ରାୟ ବେକାରୀ ସମସ୍ୟା ଉପରେ ଆଲୋଚନା କରିବା ସହ ଏହାର ସମାଧାନ ନିମନ୍ତେ ତଙ୍କାରୀରେ ହୋଇ ପାରୁ ନ ଥିବା ତୈଳ ପ୍ରକଳ୍ପ କାର୍ଯ୍ୟ କରାଯିବା ନିମନ୍ତେ ଅନୁରୋଧ କରିଥିଲେ। ଏମ୍‌ପି ବେହେରା ଯାଜପୁରକୁ ବିକଶିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। କଳିଙ୍ଗନଗର ଠାରେ ଏକ ବିମାନବନ୍ଦର ଓ ନିକଟ ବ୍ରାହ୍ମଣୀ ନଦୀରେ ଏକ ବ୍ରିଜ ନିର୍ମାଣ ନିମନ୍ତେ ଦାବି କରିଥିଲେ। ଶିଳ୍ପମନ୍ତ୍ରୀ ଧର୍ମଶାଳା ଇତିହାସ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଧର୍ମଶାଳା ଏକ ଐତିହାସିକ, ସାହିତ୍ୟିକ ଓ ସଂସ୍କୃତିର ମାଟି ବୋଲି ସେ ମତ ପ୍ରକାଶ କରିଥିଲେ। ହଜାର ହଜାର ସଂଖ୍ୟାରେ ଶୁଭେଚ୍ଛୁ ଓ ସମର୍ଥକ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ଦେଖିବା ପାଇଁ ଭିଡ଼ ଜମାଇଥିଲେ।

## ଅର୍ପିତା ଚୌଧୁରୀଙ୍କ ସଙ୍ଗୀତ ଦର୍ଶକଙ୍କ ମନ ଛୁଇଁଲା






କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ସାଥୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି ।

ରସୁଲପୁର,୪।୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ମେଳଣ ପଡିଆରେ ଆୟୋଜିତ ହେଉଥିବା ୧୭ତମ କୁଆଖିଆ ମହୋତ୍ସବର ଶନିବାର ଦ୍ୱାଦଶ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ କଟକ ସଂଗୀତ ସମ୍ରାଟ ପକ୍ଷରୁ ମଲୋଡି ପରିବେଷଣ କରାଯାଇଛି। ଏଥିରେ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ସାଥୀଙ୍କ ସଂଗୀତ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଛି। ରବିବାର ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ପାଳନ କରାଯିବ। ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ଓ କୁଆଖିଆ ମହୋତ୍ସବର ଅବଧି ଶେଷ ହୋଇଆସୁଥିବାରୁ ବଜାରରେ ଦର୍ଶକମାନଙ୍କ ନାହିଁ ନଥିବା ଭିଡ ପରିଲକ୍ଷିତ ହୋଇଥିଲା। ମହୋତ୍ସବ ମଞ୍ଚ ନିକଟରେ ପ୍ରବଳ ଭିଡ ଜମିଥିଲା। ଦର୍ଶକମାନେ ଗାୟିକାଗାୟକମାନଙ୍କ ସୁର ତାଳରେ ନାଚି ଉଠିଥିଲେ। ଦର୍ଶକଙ୍କ କରତାଳିରେ କୋଳାହଳ ସୃଷ୍ଟି ହୋଇଥିଲା। ଶୀତ ବଢୁଥିବା ସାଙ୍ଗକୁ ମହୋତ୍ସବ ପଡିଆରେ ଗରମ ରନ୍ଧାଖାଦ୍ୟର ଚାହିଦା ବଢିଥିଲା। କାଶ୍ମୀରୀ ଲଙ୍କା ଚପ୍, ଚିକେନ ପକୋଡା, ମଞ୍ଚୁରିଆନ, ଚାଟ୍, ଚାଓମିନ, ବିରାଆନୀ ଆଦି ଫାଷ୍ଟଫୁଡ୍ ଖାଦ୍ୟ ଷ୍ଟଲ ନିକଟରେ ଦର୍ଶକମାନଙ୍କ ଭିଡ଼ ଲାଗିଥିଲା।

**କୁଆଖିଆ ମହୋତ୍ସବର ଦ୍ୱାଦଶ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ**

ଦର୍ଶକଙ୍କ ସମାଗମକୁ ନେଇ ମେଳାରେ ଟ୍ରାଫିକ୍ ସ୍ଥିତି ସଂଗୀନ ହୋଇପଡ଼ିଥିଲା। କୁଆଖିଆ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କମିଟି ସମ୍ପାଦକ ଉମେଶ ନାୟକ, ମହାସଚିବ ଅରୁଣ ସାହୁ, ସଂପାଦକ ସନ୍ତୋଷ ରାଉତ, ସଭାପତି ଶିଶିର ମହାନ୍ତି, କାର୍ଯ୍ୟକର୍ତ୍ତା ଦିଲୀପ ଦାସ, ଗଦାଧର ଦାଶ, ସଞ୍ଜୀବ ସାମଲ, ଉମେଶ ପଲେଇ, ଶଶାଙ୍କ ଶେଖର ରାଉତ, ମିଟୁ ପରିଡା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ରସୁଲପୁର,୪।୧(ରଂଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ-ସାତଭାୟା ୨୦ନମ୍ବର ଜାତୀୟ ରାଜପଥର ମୁଗୁପାଳ ପଞ୍ଚାୟତସ୍ଥିତ ଗୁରୁସାହି ଛକ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଟାଉନ ଅଞ୍ଚଳର ଶଙ୍କର୍ଷଣ ଜେନାଙ୍କ ପୁଅ ପାର୍ଥସାରଥି(୩୮)। ଖବର ପାଇ କୁଆଖିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହିତ ଦୁର୍ଘଟଣାଗ୍ରସ୍ତ ବାଇକ ଓ ହାଇଡ୍ରାକୁ ଜବତ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଦୁର୍ଘଟଣାକୁ ନେଇ ଲୋକେ ରାସ୍ତା ଅବରୋଧ କରିବାରୁ ପ୍ରାୟ ଘଣ୍ଟାରୁ ଅଧିକ ସମୟ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରାସ୍ତାରେ ଗାଡି ଚଳାଚଳକୁ ସ୍ୱାଭାବିକ କରିଥିଲା।

**ରାସ୍ତା ଅବରୋଧ କଲେ ସ୍ଥାନୀୟ ଲୋକେ**

ଅପରାହ୍ନ ପ୍ରାୟ ୪ଟା୩୦ରେ ପାର୍ଥସାରଥି ଯାଜପୁର ଟାଉନରୁ ତାଙ୍କ ବନ୍ଧୁଘର ରସୁଲପୁର ପଞ୍ଚାୟତର ସୁଆଁସାହି ଦଳିତ ଗ୍ରାମକୁ ଆସୁଥିଲେ। ଏହି ସମୟରେ ତାଙ୍କ ବାଇକକୁ ଏକ ହାଇଡ୍ରା ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚି ରାଜପଥ ଉପରେ ବାରମ୍ବାର ଦୁର୍ଘଟଣା ଘଟୁଥିବାକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। ରାଜପଥ ନିର୍ମାଣରେ ବିଳମ୍ବ ଯୋଗୁ ରାସ୍ତାରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡିଛି ବୋଲି ଲୋକେ ଅଭିଯୋଗ କରିଥିଲେ।



ରାଜପଥ ମରାମତି ଦାବିରେ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲକ୍ଷ୍ମଣ



@ ଚିନ୍ମୟ



@ ସୋମନାଥ



@ କାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ତାରାତାରିଣୀ ତନ୍ତୁବାୟ ସମିତିରେ ଅନିୟମିତତାର ତଦନ୍ତ ନିର୍ଦ୍ଦେଶ

ରସୁଲପୁର,୪।୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମସ୍ଥିତ ତାରାତାରିଣୀ ମହିଳା ତନ୍ତୁବାୟ ସମିତିରେ ଅନିୟମିତତା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ହୋଇଛି। ଭୁବନେଶ୍ୱର ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକ ବୟନ ମଣ୍ଡଳକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉଲ୍ଲେଖ କରାଯାଇଛି।

ଶ୍ରୀବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଦାସ, ବୁଣାକର ନେତା ଅଶୋକ କୁମାର ଗୁଇଁ ତାରାତାରିଣୀ ମହିଳା ତନ୍ତୁବାୟ ସମିତି ବିରୋଧରେ ଗତ ମାସ ୧୮ ତାରିଖରେ ଅଭିଯୋଗ କରିଥିଲେ। କଟକ ବୟନ ମଣ୍ଡଳ ଅଧୀନରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଜିଲା ରହିଛି। ଏସବୁ ଜିଲାରୁ ମୋଟ ୭୯ ବୁଣାକାର ସମିତି ମଧ୍ୟରୁ ଯାଜପୁର ଜିଲାର ୧୦ ବ୍ଲକରୁ ୩୪ ବୁଣାକାର ସମିତି ଓ ରସୁଲପୁର ବ୍ଲକର ଗୋପାଳପୁର ଗାଁରୁ ସର୍ବାଧିକ ୧୮ ସମିତି ସାମିଲ ହୋଇଛି। ସମିତି ଜରିଆରେ ବୁଣାକାରଙ୍କ ଦକ୍ଷତା ବୃଦ୍ଧି କରାଯିବା ସହ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ମାତ୍ର କେତେକ ସମିତି ସରକାରୀ ବ୍ୟବସ୍ଥାକୁ ବାଟବଣା କରି ବୁଣାକାରଙ୍କ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରୁଛନ୍ତି। ଏଭଳି କାର୍ଯ୍ୟରେ ତାରାତାରିଣୀ ମହିଳା ତନ୍ତୁବାୟ ସମିତିର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କଟକ ବୟନ ମଣ୍ଡଳ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି କହିଛନ୍ତି, ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ପାଇଁ ହୋଇଥିବା ପତ୍ର ହସ୍ତଗତ ହୋଇଛି। ଅଭିଯୋଗର ସତ୍ୟାସତ୍ୟ ତର୍ଜମା କରାଯିବ। ଅଭିଯୋଗରେ ସତ୍ୟତା ଥିଲେ ସମିତି ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦିଗରେ ପଦକ୍ଷେପ ନିଆଯିବ।

## ଶେଷମୁଣ୍ଡ ଜମିକୁ ଜଳଯୋଗାଣ ଉପରେ ଗୁରୁତ୍ୱ



ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ**

ଯାଜପୁର ଟାଉନ,୪।୧ (ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଇନଡୋର ଷ୍ଟାଡିୟମ ପରିସରରେ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ପାଣି ପଞ୍ଚାୟତକୁ ଅଧିକ କ୍ରିୟାଶୀଳ କରି ଜଳସେଚନ ସମୟରେ କେନାଲର ଶେଷମୁଣ୍ଡରେ ଥିବା ଚାଷଜମିକୁ ବିନା ବାଧାରେ ଜଳଯୋଗାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ଜାରକା ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସୁବ୍ରତ କୁମାର ପାଣିଗ୍ରାହୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା, ଯାଜପୁର ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ସହକାରୀ କୃଷି ଅଧିକାରୀ ମନୋଜ କୁମାର ରାଉତ, ମୃତ୍ୟୁଞ୍ଜୟ ସେଠୀ, ପ୍ରଣବ କୁମାର ନାୟକ ଯୋଗଦେଇ କୃଷି, ପଶୁପାଳନ, ମତ୍ସ୍ୟ, ଉଦ୍ୟାନ ବିଭାଗ ଇତ୍ୟାଦି ସରକାରୀ ଯୋଜନାର ସୁଫଳ କିଭଳି ସାଧାରଣ ଚାଷୀଙ୍କ ପାଖରେ ପହଞ୍ଚି ପାରିବ ତା' ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସଫଳ ଚାଷୀ ସୁଢ଼ଳ ଚରଣ ସାହୁ, ଅଭିରାମ ପଲେଇ, ରାମଚନ୍ଦ୍ର ଦାସଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟସ୍ତରୀୟ ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଓ ଆଦର୍ଶ ପ୍ରଦର୍ଶନୀର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମା'କାଳୀ ପଞ୍ଚାୟତକୁ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚଣ୍ଡିଖୋଲରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଚଣ୍ଡିଖୋଲ,୪।୧(ପ୍ରଦୀପ୍ତ କୁମାର ପୃଷ୍ଟି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ଗସ୍ତ କରିଛନ୍ତି। ସେ ଚଣ୍ଡିଖୋଲଠାରେ ପହଞ୍ଚିବା ମାତ୍ରେ ବଡ଼ଚଣା ଭାଜପା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲା ସଭାପତି ଗୌତମ ରାୟ, ଜିଲା ସମ୍ପାଦକ ଦେବଯାନୀ ପ୍ରଧାନ, ପ୍ରମୋଦ କୁମାର ଜେନା, ପବିତ୍ର କୁମାର ଦାସ ପ୍ରମୁଖ ବିଶାଳ ଫୁଲ ମାଳ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଜା,ବାଣ ଓ ଆତାସ ବାଜି ମାଧମରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏଠାରୁ ଏକ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମଶାଳା ପର୍ଯ୍ୟନ୍ତ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ଚଣା ଭାଜପା କର୍ମକର୍ତ୍ତା ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ବସ୍‌ରେ ନିଆଁ, ବର୍ତ୍ତିଲେ ଯାତ୍ରୀ




ଛତିଆ,୪।୧(ସୌମ୍ୟରଞ୍ଜନ ସାହୁ): ବଡ଼ଚଣା ବ୍ଲକ ୧୬ନଂ. ଜାତୀୟ ରାଜପଥର ଛତିଆ ସତସଙ୍ଗ କେନ୍ଦ୍ର ନିକଟରେ ଶନିବାର ରାତିରେ ଭୁବନେଶ୍ୱରରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଶ୍ରୀଲକ୍ଷ୍ମୀ ନାମକ ଏକ ଘରୋଇ ବସର ବ୍ୟାଟେରି ସଟ ସର୍କିଟ ହେବାରୁ ବସ୍‌ରେ ନିଆଁଲାଗିଯାଇଛି। ଏହା ଜାଣି ପାରି ଚାଳକ ଗାଡ଼ିଟି ଅଟକାଇ ଦେଇଥିଲେ। ସେଠାରେ ବସି ଚା' ପିଉଥିବା ଲୋକେ ବସ୍‌ରେ ଥିବା ୬୦ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଏଥିସହିତ ପାଣିଢ଼ାଳି ନିଆଁକୁ ଆୟତ କରିଥିଲେ। ଦୋକାନରେ ଥିବା ସ୍ଥାନୀୟ ଲୋକଙ୍କ ପାଇଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଥିଲା।

**କେବୁଲ ଚୋରି ଅଭିଯୋଗରେ ୨ ଗିରଫ**

କୁଜଙ୍ଗ,(ମନୋଜ ପ୍ରଧାନ): କେବୁଲ ତାର ଚୋରି କରି ନେଇ ଯାଉଥିବାବେଳେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକର ଦିଲୀପ କୁମାର ସ୍ୱାଇଁ ଓ କହ୍ନେଇ ଚରଣ ଭୋଇ। ଶୁକ୍ରବାର ବିଳମ୍ବିତ ରାତିରେ କୁଜଙ୍ଗ ଥାନା ଅନ୍ତର୍ଗତ ସମାଗୋଳ ଗ୍ରାମରେ ଏକ ଟେଲିକମ କମ୍ପାନୀ ପକ୍ଷରୁ ଟଣାଯାଇଥିବା ତମ୍ବା କେବୁଲ ତାରକୁ କଟରରେ କାଟି ଦିଲୀପ ଓ କହ୍ନେଇ ନେଇଗଲାବେଳେ ଗାଁର ଜଣେ ବ୍ୟକ୍ତି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ପିଛାକରି କନ୍ଦରପୁର ନିକଟରୁ କାବୁ କରିଥିଲା। ସେମାନଙ୍କଠାରୁ ୩୦ ମିଟର କେବୁଲ ଜବତ କରିଛି। ଶନିବାର କମ୍ପାନୀ କର୍ମଚାରୀ ଥାନାରେ ପହଞ୍ଚି କେବୁଲ ଚିହ୍ନଟ କରିବା ପରେ ଅଭିଯୋଗ କରିଥିଲେ । ଥାନାରେ ମାମଲା (ନଂ. ୧/୨୫) ରୁଜୁ କରାଯାଇଛି।

# ମହାପୁରୁଷଙ୍କ ନୀତିଆଦର୍ଶକୁ ଆପଣାଇଲେ ଭଲ ମଣିଷ ହେବା

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ସୁବର୍ଣ୍ଣଜୟନ୍ତୀ କମିଟିର ମୁଖପତ୍ର 'ନୀଳକୃଷ୍ଣା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ରାଜନଗର,୪।୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଏହି ଉତ୍ସବ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୧୯୭୧ ସାମୁଦ୍ରିକ ଝଡ଼ରେ ଏ ଅଞ୍ଚଳ ଯେତେବେଳେ ଦୁର୍ଦ୍ଦଶା ଭିତରେ ଗତି କରୁଥିଲା, ସେହିସମୟରେ ଶିକ୍ଷାର ପ୍ରଦୀପ ଭାବେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଜନ୍ମ ନେଇଥିଲା । ସେଦିନରୁ ଆଜି ଯାଏ ଏହି ଅନୁଷ୍ଠାନ ଅନେକ ସୁଯୋଗ୍ୟ ଛାତ୍ର ସୃଷ୍ଟି କରିଛି। ଆଜିର ଛାତ୍ରୀ,ଛାତ୍ର ନିଜେ ସଂକଳ୍ପ ନେଲେ ପରବର୍ତ୍ତୀ ସମୟରେ ସମାଜରେ ଜଣେ ଭଲ ମଣିଷ ହୋଇପାରିବେ ବୋଲି ବିଧାୟକ କହିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ଡ. ସୁଲୋଚନା ଦାସ ଯୋଗଦେଇ ଆଜିର ଯୁବସମାଜ ବା ଛାତ୍ରୀଛାତ୍ର ମହାପୁରୁଷମାନଙ୍କ ନୀତି ଆଦର୍ଶକୁ ଗ୍ରହଣ କଲେ ଜଣେ ଭଲ ମଣିଷ ହୋଇ ପାରିବେ ବୋଲି କହିଥିଲେ।। ପୁରାତନ ଛାତ୍ର ସଂସଦର ସଭାପତି ମହେଶ୍ୱର ରାଉତଙ୍କ ପୌରୋହିତ୍ୟ ଏବଂ ଉଦ୍‌ଘୋଷିକା ମିସ୍ ମୋନାଲିସାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଅନାଦି ଚରଣ ଜେନା, ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ବେହେରା, କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ରାଉଳ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ସମୀର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁବର୍ଣ୍ଣଜୟନ୍ତୀ କମିଟିର ମୁଖପତ୍ର 'ନୀଳକୃଷ୍ଣା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିବା ମହାମନିଷୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ଭାଷଣ ଏବଂ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ପୁରାତନ ଛାତ୍ର ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ବ୍ରହ୍ମାନନ୍ଦ ରାଉତ, ଗଙ୍ଗାଧର ରାଉତ, ମଥୁରୀ ମୋହନ ରାଉତ, ସୁନୀଲ କୁମାର ରାଉଳ, ମାନସ ରଞ୍ଜନ ମିଶ୍ର, ଦିଲୀପ କୁମାର ସେଠୀ, ଅପୂର୍ବ ମିଳନ ରାଉଳ, ବିନୋଦ କୁମାର ବରାଳ, କୈଳାସ ଚନ୍ଦ୍ର ରାଉତ, ଭକ୍ତ ଚରଣ ଦାସ, ଅଜୟ କୁମାର ବେହେରା, ସଞ୍ଜୀୟ କୁମାର ସେଠୀ, ସଚ୍ଚିଦାନନ୍ଦ ସାହୁ, ଧନେଶ୍ୱର ଯତିଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଆଧ୍ୟାତ୍ମିକ ପ୍ରବଚନ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଲକ୍ଷ୍ମଣ



@ ଚିନ୍ମୟ



@ ସୋମନାଥ



@ କାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିବେଶ ସୁରକ୍ଷା ସମିତି ଦାବି ଆଗରେ ମୁଣ୍ଡ ନୁଆଁଇଲା ବ୍ଲାଷ୍ଟିଂ କମ୍ପାନୀ



ରାଜକନିକା,୪।୧(ସଞ୍ଜୀୟ କୁମାର ଦାଶ)

ତୈଳ ଓ ପ୍ରାକୃତିକ ଗ୍ୟାସ ସନ୍ଧାନ ଆଳରେ ସାଧାରଣ ଲୋକଙ୍କ ଧନ ଜୀବନକୁ ଅସୁରକ୍ଷିତ କରି ଚାନ୍ଦବାଲି ଓ ରାଜକନିକା ଅଞ୍ଚଳରେ ଗତ ସପ୍ତାହରେ କରାଯାଇଥିବା ଆର୍ଥ ବମିଙ୍ଗ୍ ଯୋଗୁ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏପରି ବ୍ଲାଷ୍ଟିଂ ଯୋଗୁ ବହୁ ଅଞ୍ଚଳରେ ଘର ଭାଙ୍ଗିବା ସହ ଆତଙ୍କ ଖେଳି ଯାଇଥିଲା । ଫଳରେ କ୍ଷତିଗ୍ରସ୍ତମାନେ ବ୍ଲାଷ୍ଟିଂ କମ୍ପାନୀ ଗାଡ଼ି ସମ୍ମୁଖରେ ଶୋଇ ପ୍ରତିବାଦ କରି କ୍ଷତିପୂରଣ ଦାବି କରିଥିଲେ । ୨ ବ୍ଲକର ସଚେତନ ଲୋକମାନେ ଏପରି ସମ୍ବେଦନ ପ୍ରସଙ୍ଗରେ ଏକ ସମନ୍ୱୟ କମିଟି ଡାକି କମ୍ପାନୀ କର୍ମଚାରୀ ଓ ବୈଷୟିକ ଟିମ୍ ସହ ଆଲୋଚନା କରିଛନ୍ତି । ଚାନ୍ଦବାଲି-କନିକା ପରିବେଶ ସୁରକ୍ଷା ସମିତି ସହ ଆଲୋଚନା କରି ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଏହି ସମିତି ଗତ ୭ ଦିନ ଧରି ବ୍ଲାଷ୍ଟିଂ କମ୍ପାନୀକୁ ଦୃଢ଼ ବିରୋଧ କରି ବନ୍ଦ କରିବା ସହ ପ୍ରଶାସନ ସତର୍କ କରାଇଛନ୍ତି । ସମିତିର ଏମିତି ଜନ ସୁରକ୍ଷା ଆଭିମୁଖ୍ୟରେ ଏକ ବଡ଼ ଧରଣର ଜନ ଆନ୍ଦୋଳନର ଦାନା ବାନ୍ଧିବାରେ ଲାଗିଛି ।

ଚାନ୍ଦବାଲି-ରାଜକନିକା ପରିବେଶ ସୁରକ୍ଷା ସମିତିର ୫ଟି ଦାବି ଆଗରେ କମ୍ପାନୀ ଓ ତା'ର ସମର୍ଥକମାନେ ଏବେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛନ୍ତି । ଆଜି କମ୍ପାନୀର କର୍ମକର୍ତ୍ତାମାନେ ସମସ୍ତ ଦାବିର ସ୍ୱୀକାରପତ୍ର ଦେବା ପରେ ତାହାକୁ ସମିତି ଅନୁମୋଦନ କରି ତଦନୁଯାଇ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଛି । ଦାବୀ ଅନୁଯାଇ ବ୍ଲାଷ୍ଟିଂ କମ୍ପାନୀ ବ୍ୟବହାର କରୁଥିବା ବିସ୍ଫୋରକର ପରିମାଣ ୨ କେଜି ୫ଶହ ଗ୍ରାମରୁ କମାଯାଇ ୧ କେଜି ୫ଶହ ଏବଂ ଗ୍ରାମଗୁଡିକଠାରୁ ଦୂରତା ୧ଶହ ମିଟର ପରିବର୍ତ୍ତେ ୨୫୦ରୁ ୩ଶହ ମିଟର ମଧ୍ୟରେ ବିସ୍ଫୋରଣ କରାଯିବାକୁ ସ୍ଥିର କରାଯାଇଛି । କ୍ଷତିଗ୍ରସ୍ତ ଚାଷ ଜମିକୁ କମ୍ପାନୀ ନିଜ ଖର୍ଚ୍ଚରେ ପୋତି ମରାମତି କରିବ । କୌଣସି କାରଣରୁ କିମ୍ବା ବ୍ଲାଷ୍ଟିଂ ସମୟରେ କୌଣସି ଅଘଟଣ ବା କ୍ଷତି ଘଟିଲେ କ୍ଷତିଗ୍ରସ୍ତ ବ୍ୟକ୍ତି ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଆବେଦନ କରିବେ ଏବଂ ତହସିଲଦାରଙ୍କ ସୁପାରିଶ କ୍ରମେ ତାଙ୍କୁ କ୍ଷତିପୂରଣ ବାବଦକୁ ଅର୍ଥ କମ୍ପାନୀ ଦ୍ୱାରା ପ୍ରଦାନ କରାଯିବ ବୋଲି କୁହାଯାଇଛି ।

# ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର ଅହିଂସା, ଶାନ୍ତି



କାର୍ଯ୍ୟକ୍ରମରେ କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. ବୀରପ୍ପା ମୋଇଲି ଏବଂ ଅନ୍ୟ ଅତିଥି।

## ପଞ୍ଚଦଶ ରାଜକିଶୋର ନାୟକ ସ୍ମୃତି ଗାନ୍ଧୀ ବକ୍ତୃତା

ଭୁବନେଶ୍ୱର,୪।୧(ସୁଚିସ୍ମିତା ସାହୁ)

ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର। ତାଙ୍କ ଅହିଂସା ବିଚାରଧାରା ଦୁଇ ଭାଗରେ ବିଭକ୍ତ, ଯଥା- ଅହିଂସାର ଭାବନା ଓ ଅହିଂସା ଆଚରଣ। ବିଭିନ୍ନ ଦେଶ ଓ ଭାରତବର୍ଷରେ ମଧ୍ୟ ତାଙ୍କ ଅହିଂସା, ଶାନ୍ତି ଓ ସତ୍ୟାଗ୍ରହକୁ ସଫଳତାର ସହିତ ଉପଯୋଗ କରାଯାଇଛି। ସାମ୍ପ୍ରତିକ ସମୟରେ ବିଶ୍ୱବ୍ୟାପୀ ଗାନ୍ଧିଜୀଙ୍କ ବାର୍ତ୍ତାର ପ୍ରୟୋଗ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି କହିଛନ୍ତି। ସୂଚନା ଭବନରେ ଶନିବାର ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ସ୍ମୃତିରେ ଆୟୋଜିତ ପଞ୍ଚଦଶ ରାଜକିଶୋର ନାୟକ ସ୍ମୃତି ଗାନ୍ଧୀ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋଇଲି ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ଏହି ଅବସରରେ 'ବୈଶ୍ୱିକ ପରମ୍ପରାରେ ଗାନ୍ଧୀ ବିଚାର' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ବକ୍ତୃତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ରାଜକିଶୋର ନାୟକ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ବିରୂପା, ମହାନଦୀ ଏବଂ ଚିତ୍ରୋତ୍ପଳା ତ୍ରିକୋଣଭୂମି ଅଞ୍ଚଳର ସବୁ ଲୋକଙ୍କ ପ୍ରିୟପାତ୍ର ଥିଲେ। ସେ ତ୍ୟାଗୀ ଓ ଯୋଗୀ ଥିବା ସହିତ ବାଲ୍ୟକାଳରୁ ପରିବେଶପ୍ରେମୀ ଥିଲେ। ସେହିପରି ଅନ୍ୟତମ ଅତିଥି ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ କହିଥିଲେ, ରାଜକିଶୋର ନାୟକ ଏଭଳି ଜଣେ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କ ନାମ ସ୍ମରଣ କଲେ ନତମସ୍ତକ ହୋଇପଡ଼େ। ରାଜକିଶୋର ନାୟକ ନ୍ୟାଶନାଲ ଫାଉଣ୍ଡେଶନ ଟ୍ରଷ୍ଟ ସଭାପତି ପ୍ରହ୍ଲାଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଟ୍ରଷ୍ଟ କୋଷାଧ୍ୟକ୍ଷ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜ୍ଞାନଦୀପ ସମ୍ବର୍ଦ୍ଧନା ଉତ୍ସବ, ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

କୁଜଙ୍ଗ,୪।୧(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆସ୍ଥିତ ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ଶିକ୍ଷାନୁଷ୍ଠାନ ଶ୍ରୀରାମ ଜ୍ଞାନ ମନ୍ଦିର ପକ୍ଷରୁ ୧୮ତମ ଜ୍ଞାନଦ୍ୱୀପ ସମ୍ବର୍ଦ୍ଧନା ଉତ୍ସବ ଓ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଳିତ ହୋଇଯାଇଛି । ଶ୍ରୀରାମ ଜ୍ଞାନ ମନ୍ଦିର, ବାଲିଆର ଅଧ୍ୟକ୍ଷ ପବିତ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସାମାଜିକ କର୍ମୀ ମହାସଂଘ ମହାସଚିବ ନରୋତ୍ତମ ଦାସ ଯୋଗଦେଇ ଶିକ୍ଷାନୁଷ୍ଠାନର ୧୮ ବର୍ଷର ବିଜୟ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ସହ ସାମାଜିକ ସେବା, ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ, ଚାରାରୋପଣ, ସ୍ୱାସ୍ଥ୍ୟ ଶିବିର ଆୟୋଜନ କ୍ଷେତ୍ରରେ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଦିଶା ଆୟୁର୍ବେଦ ଅଧ୍ୟକ୍ଷ ଡା.ଦେବଦତ୍ତ ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ଅଧାପିକା ଅମିୟବାଳା ପରିଡା, ପ୍ରଶାନ୍ତ ଲେଙ୍କା, ଆଦିତ୍ୟ ପ୍ରସାଦ ମହାନ୍ତି, ବ୍ୟାସ ଫାଉଣ୍ଡେଶନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଜ୍ଞାନ ମନ୍ଦିରର ଶ୍ରେଷ୍ଠ ଛାତ୍ର ଭାବେ ଜୟପ୍ରକାଶ ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଶ୍ରୀତମ ଦାଶ, ସସ୍ମିତ ପ୍ରଧାନ, ସୁଚିତ୍ରା ସେଠୀଙ୍କୁ ଅନୁଷ୍ଠାନର ଶ୍ରେଷ୍ଠ ଛାତ୍ର ସମ୍ମାନ, ଜ୍ଞାନ ଗୁରୁ ସମ୍ମାନରେ ପ୍ରକାଶ ସାହୁ, ଜ୍ଞାନବୀର ସମ୍ମାନରେ ଅମିୟ କୁମାର ମହାନ୍ତି, ଜ୍ଞାନବୀର କଳା ସମ୍ମାନରେ ତ୍ରିଷ୍ଣା ପ୍ରିୟଦର୍ଶିନୀ, ଜ୍ଞାନବୀର ସମାଜସେବା ସମ୍ମାନ ନରୋତ୍ତମ ଦାସଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଦୀପ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଳସ ଶୋଭାଯାତ୍ରା, ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପରିବ୍ରାଜକ ରମାକାନ୍ତ ଦଳାଇଙ୍କ ପୌରୋହିତ୍ୟରେ ଯଜ୍ଞକାର୍ଯ୍ୟ ସମ୍ପାଦିତ ହୋଇଥିଲା ।

# ରାଜକନିକା ପାଇଁ ଗୌରବ ଆଣିଲେ ଅଣାକର ରାୟ



ରାଜକନିକା,୪।୧(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ କାଟଣା-ବଣିଆ ପଞ୍ଚାୟତ ଡାଏଣିଗିରି ଗାଁର ଅଣାକାର ରାୟ କର୍ଣ୍ଣାଟକର ଟାଇକୋଣ୍ଡୋ ଆସୋସିଏଶନ ପକ୍ଷରୁ ଆୟୋଜିତ କରାଟେ ପ୍ରତିଯୋଗିତାରେ ଭାଗ ନେଇ ୪ଥର ପାଇଁ ବ୍ଲାକ୍ ବେଲଟ୍ ପାଇବା ସହିତ ସେହି ସଂସ୍ଥାରେ ମାଷ୍ଟର ଟ୍ରେନର ଭାବେ ନିଯୁକ୍ତି ପାଇଛନ୍ତି। ଏହି କଥା ଜଣାପଡିବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ବାର୍ତ୍ତା ପହଞ୍ଚିବାରେ ଲାଗିଛି ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା



ସିଆରସିସିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜକନିକା,୪।୧(ସଞ୍ଜୀୟ କୁମାର ଦାଶ)

ରାଜକନିକା ବ୍ଲକ ବରୁଣା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ସିଆରସିସି ଖଗେଶ୍ୱର ପଢିହାରୀଙ୍କୁ କନିକା ରିଡିଂ ରୁମ ଅର୍ଚ୍ଚନା ମଞ୍ଚ ପକ୍ଷରୁ ଗୁରୁ ନରହରି ପାଢ଼ୀ ସ୍ମୃତି ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ସମ୍ମାନ ପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି । ନିଜର କାର୍ଯ୍ୟଦକ୍ଷତା, ଶିକ୍ଷାର ବିକାଶ ଓ ଉନ୍ନତି ଦିଗରେ କାର୍ଯ୍ୟକରି କେନ୍ଦ୍ରାପଡ଼ା ଜିଲାର ଶ୍ରେଷ୍ଠ ସିଆରସିସି ଭାବେ ରାଜ୍ୟସ୍ତର ସମ୍ମାନୀତ କରାଯାଇଛି ।

# ପଟ୍ଟାମୁଣ୍ଡାଇ ରୋଗୀକଲ୍ୟାଣ ସମିତି ବୈଠକ

ପଟ୍ଟାମୁଣ୍ଡାଇ,୪।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଶନିବାର ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ହେଲେ ଏ ସଂକ୍ରାନ୍ତରେ ଅଧିକାଂଶ ଖବରଦାତାଙ୍କୁ ସୂଚନା ଦିଆଯାଉନାହିଁ । ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ରୋଗୀ ସେବା ଉନ୍ନତମାନର କରିବାକୁ ରୋଗୀ କଲ୍ୟାଣ ସମିତି ବୈଠକ ଜରୁରୀ ଥିବାବେଳେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ବ୍ୟତିକ୍ରମ ଦେଖାଦେଉଛି। ପ୍ରତି ୬ ମାସରେ ଥରେ ବୈଠକ ବସିବାର ନିୟମ ରହିଛି। ପ୍ରତ୍ୟେକ ବର୍ଷ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ବୈଠକ ବସୁଛି । ମାତ୍ର ଏଠାରେ ସମସ୍ୟା ସୁଧୁରୁ ନ ଥିବା ବେଳେ ଡାକ୍ତରଖାନାରେ ବିଭିନ୍ନ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଥିବା ଯୋଗୁ ଏଠାରେ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି।

# ସେମିଫାଇନାଲରେ ବହୁରୂପା କ୍ରିକେଟ୍ କ୍ଲବ

## ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ରାଜକନିକା,୪।୧(ସଞ୍ଜୀୟ କୁମାର ଦାଶ)

ରାଜକନିକା ବ୍ଲକ ଡାଲିକାଏନ୍ଦାସ୍ଥିତ ସରସ୍ୱତୀ ଖେଳ ପଡ଼ିଆରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟ ଚାଲିଥିବା ୪୯ତମ ଆନ୍ତଜିଲାସ୍ତରୀୟ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ବହୁରୂପା କ୍ରିକେଟ କ୍ଲବ, ପାରିନୂଆପଡ଼ା ବନାମ ଆଳି ଟାଉନ କ୍ଲବ, ଆଳି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଆଳି ଟାଉନ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରୁ ୧୯.୪ ବଲରେ ସମସ୍ତ ଉଇକେଟ ହରାଇ ୧୩୪ ରନ କରିଥିଲା। ଜବାବ୍‌ରେ ବହୁରୁପା ଟିମ୍ ୧୩୫ ରନର ପିଛା କରି ୧୫.୪ ଓଭରରେ ୫ ଉଇକେଟ ହରାଇ ୧୩୬ରନ ସଂଗ୍ରହ କରି ୫ ଉଇକେଟରେ ବିଜୟୀ ହୋଇ ତୃତୀୟ ଟିମ୍ ଭାବେ ଦ୍ୱିତୀୟ ସେମି ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି । ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ସଙ୍ଗଠକ ତଥା କ୍ରୀଡ଼ାବିତ୍ ପବିତ୍ର ରାଉତ ଓ ସମ୍ମାନିତ ଅତିଥି ଉପଦେଷ୍ଟା ଅଦ୍ୱୈତ ବିଶ୍ୱାଳ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ଗାଁ କମିଟି ସଭାପତି ରବିନ୍ଦ୍ର ସାଇଁ ଓ ଅବସରପ୍ରାପ୍ତ ଶିକ୍ଷକ ସୁବାସ ନାୟକ ପ୍ରମୁଖ ଯୋଗଦେଇ ଉଭୟ ଟିମର ଖେଳାଳିମାନଙ୍କ ସହ ପରିଚିତ ହେବା ସହ ୪ ଓଭର ବୋଲିଂ କରି ୧୬ରନ ଦେଇ ୪ ୱିକେଟ ଅକ୍ତିଆର କରିଥିବା ବିଜେତା ଟିମର ବୋଲର ସୁନିଲ ବରଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଅମ୍ପାୟାର ଭାବେ ଅମିୟ ବିଶ୍ୱାଳ ଓ ବିଜୟ ବେହେରା ଖେଳ ପରିଚାଳନା କରିଥିଲେ । ଯୁବକ ସଂଘର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ କୁମାର ବେହେରା ଓ ବିଶାମିତ୍ର ଜେନା, ଅଜିତ୍ ଗୁରୁ, ପ୍ରକାଶ ବେହେରା, ପ୍ରେମଚାନ୍ଦ ରାଉତ, ପ୍ରଶାନ୍ତ ମହଲା, ପ୍ରୀତିରାଜ ବେହେରା, ପ୍ରୀତମ ସ୍ୱାଇଁ, ସୁବାସ ବେହେରା, ଉକେଶ ବେହେରା, ସୁବ୍ରତ ପାଣି, ସବୁଜ ଜେନା, ରଜତ ସ୍ୱାଇଁ, କଳ୍ପତରୁ ଜେନା ଓ ପ୍ରୀତମ ସ୍ୱାଇଁଙ୍କ ସମେତ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ୪ର୍ଥ କାଟର୍ସ ଫାଇନାଲ ଆୟୋଜକ ବିଏସିସି, ଡାଲିକାଏନ୍ଦା ବନାମ ସିଟି ସ୍ପୋର୍ଟିଂ କ୍ରିକେଟ କ୍ଲବ, ଚାନ୍ଦବାଲି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ଥଇଥାନ ପ୍ୟାକେଜ୍‌ରେ ପାତରଅନ୍ତର

- ପ୍ରକଳ୍ପ ଗୋଟିଏ, ପ୍ୟାକେଜ୍ ରାଶି ଭିନ୍ନ
- ନୀଳମାଧବ କ୍ଷେତ୍ର ପ୍ରକଳ୍ପକୁ ନେଇ ବିବାଦ
- ୩୦ ମାସ ପରେ ବି ଶେଷ ହେଉନି ପ୍ରକଳ୍ପ

ନୟାଗଡ଼/ଖଣ୍ଡପଡ଼ା,୪।୧ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)



ନୀଳମାଧବ ପ୍ରକଳ୍ପ ପାଇଁ ଜବରଦଖଲ ଉଚ୍ଛେଦ କରାଯାଉଛି।

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନୀସ୍ଥଳୀ କଣ୍ଟିଲୋ ନୀଳମାଧବ ବିକାଶ ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ ହେଁ କାମ ମନ୍ଥର ଗତିରେ ଚାଲିଛି । ୧୮ମାସର ପ୍ରକଳ୍ପ ୩୦ ମାସ ପରେ ବି ଶେଷ ହେବାର ନାଁ ଧରୁନି। ଏହି ପ୍ରକଳ୍ପ ପାଇଁ ଯେଉଁ ପରିବାର ଅଥବା ବ୍ୟବସାୟୀଙ୍କୁ ସ୍ଥାନାନ୍ତର କରାଯାଉଛି ସେମାନଙ୍କ ଥଇଥାନ ପ୍ୟାକେଜରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହେଉଛି। ପ୍ରକଳ୍ପ ଗୋଟିଏ ହୋଇଥିବାବେଳେ ଥଇଥାନ ପ୍ୟାକେଜରେ କାହିଁକି ଭିନ୍ନତା କରାଯାଉଛି ବୋଲି ପ୍ରଶ୍ନ ଉଠିଛି। ଜଣକୁ ଭଲ ପ୍ୟାକେଜ୍ ଦିଆଯାଇଥିବାବେଳେ ଆଉ ଜଣଙ୍କୁ ପ୍ୟାକେଜ୍ ଦେବାରେ ମୂଳଚାଲ ଚାଲିଛି। ଥଇଥାନ ପ୍ୟାକେଜ୍‌ରେ ପାତରଅନ୍ତରକୁ ନେଇ ଅସନ୍ତୋଷ, ଅଶାନ୍ତି, ଉଦ୍‌ବେଗ, ପ୍ରତିବାଦ ବଢ଼ିବାରେ ଲାଗିଛି। ଏପରିକି ପାତରଅନ୍ତର ମନୋଭବ ଆନ୍ଦୋଳନର ରୂପ ନେବାକୁ ଦାନା ବାନ୍ଧିଛି।

କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର ଓ ଚତୁଃପାର୍ଶ୍ୱ, ଦୟଣାଚୋରୀ ବଗିଚା, ଚନ୍ଦନ ପୋଖରୀ, ସ୍କାଏ ଓଭର ବ୍ରିଜ ଆଦିର କାର୍ଯ୍ୟ ଓଡିଶା ସେତୁ ନିଗମ କରୁଥିବାବେଳେ ରାସ୍ତା ଓ ଡ୍ରେନେଜ ବ୍ୟବସ୍ଥା ପୂର୍ତ୍ତ ବିଭାଗ କରୁଛି। ସେହିପରି ଜଳ ସମ୍ପଦ ବିଭାଗ ପକ୍ଷରୁ ମାଳବନ୍ଧର ସମ୍ପ୍ରସାରଣ, ଯାତ୍ରାପଦା ବଜାରଠାରୁ ନୀଳମାଧବ ମନ୍ଦିର ପଶ୍ଚିମଦ୍ୱାର ପର୍ଯ୍ୟନ୍ତ ୮୦୦ ମିଟର ମହାନଦୀର ମାଳବନ୍ଧର ସମ୍ପ୍ରସାରଣ ଓ ନବୀକରଣ ଆଦି କାର୍ଯ୍ୟ କରାଯାଉଛି। ତେବେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା କେତେକ ଘରୋଇ ସ୍ଥାୟୀ ଓ ଅସ୍ଥାୟୀ ଗୃହ ସହିତ ମାଳବନ୍ଧ ଉପରେ ଜବରଦଖଲରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ଉଚ୍ଛେଦ କରିବାର ଥିବାରୁ ସଂପୃକ୍ତ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନର ପ୍ରଶାସନିକସ୍ତରରେ କ୍ଷୟକ୍ଷତିର ଆକଳନ ହୋଇଥିଲା। ତତ୍କାଳୀନ ଜିଲାପାଳ ପୋମା ଟୁଡୁ ୨୦୨୨ଫେବୃଆରୀ ୨୨ରୁ ୨୭ ତାରିଖ ମଧ୍ୟରେ ନୀଳମାଧବ ପଶ୍ଚିମ ପାର୍ଶ୍ୱରେ ଥିବା ୬ ଗୃହକୁ ଉଚ୍ଛେଦ କରାଇଥିଲେ। ବ୍ୟକ୍ତିଗତ ଓ ଜବରଦଖଲରେ ଥିବା ବିସ୍ଥାପିତଙ୍କୁ ଥଇଥାନ ପ୍ୟାକେଜରେ ଭଲ ଅନୁଦାନ ଦିଆଯାଇଥିଲା। ଏଣୁ ବିସ୍ଥାପିତମାନେ ଥଇଥାନ ପ୍ୟାକେଜରେ ଖୁସି ବ୍ୟକ୍ତ କରି ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ। ସେହିପରି ନୀଳମାଧବଙ୍କ ଚନ୍ଦନ ପୋଖରୀ ପାଇଁ ପୋଖରୀର ପଶ୍ଚିମ ପାର୍ଶ୍ୱରେ ଥିବା କେତେଜଣ ଜବରଦଖଲକାରୀ, ସ୍ଥାୟୀ ଓ ଝାଟିମାଟି ଗୃହ କରି ବସବାସ କରୁଥିବା ବ୍ୟକ୍ତି ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିଲେ। ୨୦୨୩ ଏପ୍ରିଲ ମାସରେ ସଂପୃକ୍ତ ପରିବାର ଭଲ ପ୍ୟାକେଜ ପାଇଥିଲେ। ଜିଲାପାଳ ପୋମା ଟୁଡୁଙ୍କର ବଦଳି ଓ ଜିଲାପାଳ ରବିନ୍ଦ୍ରନାଥ ସାହୁ ଅବସର ନେବା ପରେ ଥଇଥାନ ପ୍ୟାକେଜରେ ବ୍ୟତିକ୍ରମ ଓ ପାତରଅନ୍ତର ଆସିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଯାତ୍ରାପଦା ଛକ ଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ପର୍ଯ୍ୟନ୍ତ ମାଳବନ୍ଧ ଉପରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଛି। ତେବେ ଥଇଥାନ ପ୍ୟାକେଜ କ୍ଷେତ୍ରରେ ପ୍ରଶାସନର ପୂର୍ବ ନିଷ୍ପତ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଛି। ବହୁ ବର୍ଷ ଧରି ଜବରଦଖଲ କରି ରହିଥିବା ବ୍ୟକ୍ତି ଓ ବ୍ୟବସାୟୀଙ୍କୁ ବ୍ୟକ୍ତିଗତ ଭାବେ ବୁଝାଶୁଝା କରି ସ୍ୱଳ୍ପ ସହାୟତା ରାଶି ପ୍ରଦାନ କରାଯାଇ ଉଚ୍ଛେଦ କରାଯିବାର ପ୍ରୟାସ ଜାରି ରହିଛି । ସହାୟତା ରାଶି ଜିଲା ପ୍ରଶାସନ ନୁହେଁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି। ଥଇଥାନ ପ୍ୟାକେଜରେ ପାତରଅନ୍ତରକୁ ନେଇ ପ୍ରତିବାଦ ଉଠିଛି। ଗୋଟିଏ ପ୍ରକଳ୍ପ ପାଇଁ ଭିନ୍ନ ଭିନ୍ନ ଥଇଥାନ ପ୍ୟାକେଜର ପୁର୍ନବିଚାର କରିବାକୁ ଦାବି ହେଉଛି । ଅପରପକ୍ଷେ ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ କଣ୍ଟିଲୋ ଯାତ୍ରାପଦା ବଜାରଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ପର୍ଯ୍ୟନ୍ତ ମାଳବନ୍ଧ ଉପରୁ ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ରାସ୍ତାକୁ ନବୀକରଣ ସହ ସମ୍ପ୍ରସାରଣ କରାଯିବାର ବ୍ୟବସ୍ଥା ଚାଲୁ ରହିଛି। ଅନ୍ୟପକ୍ଷେ କାହା ସ୍ୱାର୍ଥରେ ମାଳବନ୍ଧ ଉପରୁ ଏକାଧିକ ଜବରଦଖଲକାରୀଙ୍କୁ ଉଚ୍ଛେଦ କରା ନ ଯାଇ ତାରିଣୀ ମନ୍ଦିର ସମ୍ମୁଖ ଭାଗର ରାସ୍ତାକୁ ବଙ୍କା କରାଯାଇ କାର୍ଯ୍ୟ ସମ୍ପାଦନ କରାଯାଉଛି ସେନେଇ ପ୍ରଶ୍ନ ଉଠିଛି। ଯାହାକି ତଦନ୍ତସାପେକ୍ଷ ବୋଲି ଦାବି କରାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲକ୍ଷ୍ମଣ


@ ଚିନ୍ମୟ


@ କାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିଆରା ଢଙ୍ଗରେ ପାଳନ ହେଲା ଗୁରୁ ପୂଜନ ଉତ୍ସବ

ଖଣ୍ଡପଡ଼ା,୪।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ୨୦୦୩ ମାଟ୍ରିକ ବ୍ୟାଚର ସହପାଠୀ ମାନଙ୍କ ପକ୍ଷରୁ ନିଆରା ଢଙ୍ଗରେ ଗୁରୁ ପୂଜନ ଉତ୍ସବ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅରୁଣ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ପାରିବାରିକ ନାଟକ 'ଲୁହରୁ ଆରମ୍ଭ ଲୁହରେ ଶେଷ' ମଞ୍ଚସ୍ଥ କରାଯାଇଥିଲା । ଆୟୋଜିତ ବନ୍ଧୁ ମିଳନ ତଥା ଗୁରୁପୂଜନ ଉତ୍ସବରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ଆର୍ତ୍ତବନ୍ଧୁ ଗୋଛି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସହପାଠୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକବିଜୟ କୁମାର ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରକ୍ସ କିଶୋର ଜେନା, ପିତାମ୍ବର ମଲ୍ଲ, ଲଛମନ ମହାରଣା, ବୈଷ୍ଣବ ଚରଣ ପଟ୍ଟନାୟକ, ଯୁଧିଷ୍ଠିର ସ୍ୱାଇଁ, ଶରତ ସ୍ୱାଇଁ, ଶରତ ଗୋଛି, ବସନ୍ତ ଗୋଛି, ସୁବଳ ସ୍ୱାଇଁ ପ୍ରମୁଖଙ୍କୁ ଚନ୍ଦନ ଟିପା ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରିବା ସହ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଲକ୍ଷ୍ମଣ କୁମାର ନାୟକ, ଶରତ ବେହେରା, କମଳ ଲୋଚନ ମହାପାତ୍ର, ରାମଚନ୍ଦ୍ର ବାରିକ, ଜିତେନ୍ଦ୍ର ରାଉତ, ଛବିନ୍ଦ୍ର ଦାସ, ବିଜୟ ବାରକ ପ୍ରମୁଖଙ୍କ ପ୍ରୟାସ କ୍ରମେ ୬୦ରୁ ଊର୍ଦ୍ଧ୍ୱ ପୁରାତନ ସହପାଠୀ ପରିବାର ସହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏପରି ନିଆରା ଢଙ୍ଗରେ ପାଳିତ ହେଉଥିବା କାର୍ଯ୍ୟକ୍ରମକୁ ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପଭୋଗ କରି ପୁରାତନ ଛାତ୍ରଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ନୀଳମାଧବ ପୀଠରେ ମଣିପୁର ରଙ୍ଗ ନିକେତନ


ମଣିପୁର ରଙ୍ଗ ନିକେତନ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଖଣ୍ଡପଡ଼ା,୪।୧ (ଅଜୟ କୁମାର ମହାରଣା)

ଆଜିର ଯୁବ ସମାଜ ବିଦେଶୀ ସଭ୍ୟତାକୁ ଆପଣେଇବା ଦ୍ୱାରା ସମାଜରୁ ଧୀରେ ଧୀରେ ଭାରତୀୟ ସଂସ୍କୃତି ଓ ପରମ୍ପରା ନଷ୍ଟ ହେବାକୁ ଲାଗିଲାଣି। ଭାରତୀୟ ସଂସ୍କୃତିର ସୁରକ୍ଷା ସହିତ ସନାତନ ଧର୍ମ ଓ ହିନ୍ଦୁ ଧର୍ମର ସୁରକ୍ଷା ତଥା ପ୍ରସାର ପ୍ରଚାର ଦିଗରେ ସମ୍ପ୍ରତି ମଣିପୁର ରାଜ୍ୟର ଏକ ରଙ୍ଗ ନିକେତନ ଅନୁଷ୍ଠାନ ପକ୍ଷରୁ କଣ୍ଟିଲୋ ନୀଳମାଧବ ପୀଠରେ ସେମାନଙ୍କର କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ପ୍ରଦର୍ଶନ କରାଯାଇଛି। ଭାରତୀୟ ସଂସ୍କୃତିଠାରୁ ମହାନ ସଂସ୍କୃତି ଆଉ କିଛି ନାହିଁ। କିନ୍ତୁ ଆଜି ଭାରତୀୟମାନେ ସେମାନଙ୍କ ନିଜ ସଂସ୍କୃତିକୁ ଉପେକ୍ଷା କରି ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ କରୁଛନ୍ତି ବୋଲି ଅନୁଷ୍ଠାନର ମୁଖ୍ୟ ଅଜିତ ଦାସ ମତ ପ୍ରକାଶ କରି ଭାଗବତ ଗୀତା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ନୀଳମାଧବ ମନ୍ଦିର ପରିସରରେ ଆୟୋଜିତ ମଣିପୁର ପୁଙ୍ଗ କୋଲମ ନୃତ୍ୟ କାର୍ଯ୍ୟକ୍ରମରେ ଅନୁଷ୍ଠାନର ୧୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କଳାକାରମାନଙ୍କ ଦ୍ୱାରା ଆଧାତ୍ମିକ ନୃତ୍ୟ ଭଜନ, ରାଧାକୃଷ୍ଣଙ୍କ ରାସଲୀଳା ନୃତ୍ୟ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖି ପାରିଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଦାସ ନୀଳମାଧବଙ୍କ କ୍ଷେତ୍ରରୁ ସନାତନ ଧର୍ମ, ସଂସ୍କୃତିର ପ୍ରଚାର ପ୍ରସାର ସହିତ କେବଳ ସତ୍ୟ, ଅହିଂସା ଓ ପ୍ରେମ ବଳରେ ଭାରତ ଏକ ଦିବ୍ୟ ଭୂମି ହୋଇ ପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ନୀଳମାଧବ ପୂଜକ ସମାଜର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବହୁ ଲୋକ ଉପଭୋଗ କରିଥିଲେ।

## ବାଣିଜ୍ୟ, ପରିବହନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା


ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୟାଗଡ଼,୪।୧ (ଲୋକନାଥ ମିଶ୍ର)

ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ନୟାଗଡ଼ ବ୍ଲକର ବିଜିପୁର ଓ ନୟାଗଡ଼ ସହରର ଟ୍ରାଫିକ ଛକରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଛି। ମନ୍ତ୍ରୀ କଳାହାଣ୍ଡି ଗସ୍ତରେ ଯାଉଥିବାବେଳେ ବିଜିପୁରଠାରେ ନୟାଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୟାଗଡ଼ ଗୋଲେଇ ଟ୍ରାଫିକ ଛକରେ ଅନୁରୂପ ଭାବେ ଘରୋଇ ବସ ମାଲିକ ସଂଘ ଓ ସିଭିଲ ସୋସାଇଟି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସଡ଼କ ସୁରକ୍ଷା ସପ୍ତାହ ଚାଲୁ ଥିବାବେଳେ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ପରିବହନ, ସିଭିଲ ସୋସାଇଟି ଓ ବସ ମାଲିକ ସଂଘ ପକ୍ଷରୁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି।

## ପ୍ରବାସୀ ଭାରତୀୟ ଦିବସର ବ୍ଲକସ୍ତରୀୟ ପ୍ରତିଯୋଗିତା

ନୟାଗଡ଼/ଭାପୁର,୪।୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ପରିସରରେ ୧୮ତମ ପ୍ରବାସୀ ଭାରତୀୟ ଦିବସର ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଭାପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ବିଜିପୁର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀର ଛାତ୍ରୀ ପ୍ରଥମ ଓ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ୯ମ ଶ୍ରେଣୀର ପ୍ରୀୟମ୍ବଦା ପଣ୍ଡା ଦ୍ୱିତୀୟ ହୋଇଛନ୍ତି। ସେହିପରି ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ କଲେଜର ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ପୋଷ୍ଟର ମାର୍କେଟିଂରେ ପ୍ରଥମ ଓ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଲକ୍ଷ୍ମୀପ୍ରିୟା ବାରିକ କୁଇଜ ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। ପୋଷ୍ଟର ମାର୍କେଟିଂରେ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ନବମ ଶ୍ରେଣୀର ଅଞ୍ଜଳି ସାମନ୍ତରାୟ ପ୍ରଥମ ଓ ବିଜିପୁର ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଦୁର୍ଯ୍ୟୋଧନ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଭାପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଗନ ବିହାରୀ ତ୍ରିପାଠୀ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାକର ସାମନ୍ତରାୟ , ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ନାୟକ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ୭ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କଠାରୁ ସୂଚନା ମିଳିଛି।

## ନୋ ବ୍ୟାଗ୍ ଡେ ପାଳିତ

ଓଡଗାଁ, ୪।୧ (ଆଦର୍ଶ କୁମାର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଓଡ଼ଗାଁ ବ୍ଲକ ରୋହିବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ନିଆରା ଢଙ୍ଗରେ ନୋ ବ୍ୟାଗ ଡେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ନୂଆ ବର୍ଷର ପ୍ରଥମ ଶନିବାରକୁ ନୂଆଢଙ୍ଗରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନଙ୍କ ଭିତରେ ଦଳଗତ ପ୍ରତିଯୋଗିତା ମାଧ୍ୟମରେ ୪ ଦଳ – ବୈତରଣୀ, ବ୍ରାହ୍ମଣୀ, କୁଆଁରିଆ ଓ କୁସୁମୀ ଦଳ କରାଇ ପ୍ରତିଦଳକୁ ବିଭିନ୍ନ କାର୍ଯ୍ୟକ୍ରମ ବଣ୍ଟନ କରାଯାଇଥିଲା।

କୁଆଁରିଆ ଦଳର ହାଉସ ମାଷ୍ଟର ଶିକ୍ଷୟିତ୍ରୀ ଅବନ୍ତୀ ବେହେରା ଓ କ୍ରୀଡା ଶିକ୍ଷକ ଆଲୋକ ନାୟକ, ସନ୍ତୋଷ କୁମାର ସାହୁ,ବିଷ୍ଣୁପ୍ରିୟା ବାରିକ ପିଲାଙ୍କୁ ନେଇ ବନାଇଥିଲେ ଓଜନସ୍ତରକୁ କ୍ଷତି କରୁଥିବା କାରକ ଓ ସେଥିରୁ ନିବୃତ୍ତ ପାଇଁ ଉପାୟ। ବୈତରଣୀ ଦଳର ହାଉସ ମାଷ୍ଟର ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ଓ ସହଯୋଗୀ ଶିକ୍ଷକ ସନ୍ତୋଷ କୁମାର ନାହାକ ବିଭିନ୍ନ ପନିପରିବା ଓ ଫଳମୂଳର ବ୍ୟବହାର ଆମପାଇଁ ବହୁତ ଉପକାରିତା ସମ୍ପର୍କରେ ସୂଚନା ସହ ପ୍ରଦର୍ଶନୀ କରିଥିଲେ। ବ୍ରାହ୍ମଣୀ ଦଳର ହାଉସ ମାଷ୍ଟର ଶିକ୍ଷକ ରାଧାଗୋବିନ୍ଦ ନାୟକ ଓ ସହଯୋଗୀ ଇକୋକ୍ଲବ ଶିକ୍ଷକ ସନ୍ତୋଷ କୁମାର ସାହୁ ବେଟି ବଚାଓ ବେଟି ପଢ଼ାଓ, ସ୍ୱଚ୍ଛଭାରତ, ଆଦି ପ୍ଲାକାର୍ଡ ବନାଇବା, ସ୍ଲୋଗାନ ଦେବା, ବାଲ୍ୟ ବିବାହ ବନ୍ଦ କରିବା ଆଦି ସ୍ଲୋଗାନ ମାଧ୍ୟମରେ ପିଲାଙ୍କ ମନରେ ସଚେତନତା ସୃଷ୍ଟି କରାଇଥିଲେ। କୁସୁମୀ ଦଳର ହାଉସ ମାଷ୍ଟର ଶିକ୍ଷକ ସୂର୍ଯ୍ୟମଣି ନାୟକ ବିଜୟ ଲକ୍ଷ୍ମୀ ଦଳେଇ, ପଦ୍ମିନୀ ନାୟକ ଆଦି ନିଜ ନିଜ ପିଲାଙ୍କୁ ନେଇ କାଗଜ ଠୁଙ୍ଗା ପ୍ରସ୍ତୁତି ପଲିଥିନର ଭୟବହତା ଓ ତାର ବ୍ୟବହାର ହ୍ରାସ କରିବା ଆଦି ବିଷୟରେ ଆଲୋଚନା କରାଇଥିଲେ। ପ୍ରତ୍ୟେକ ବିଭାଗ ଦଳଗତ ଥିଲେ ମଧ୍ୟ ସବୁପିଲାଙ୍କୁ ନେଇ ପ୍ରସ୍ତୁତ କରାଯାଉଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁନିତା ବେହେରା ପରିଚାଳନା କରିଥିଲେ।

## ଖଣ୍ଡପଡ଼ାରେ ଜିଲାସ୍ତରୀୟ କ୍ୟାମ୍ପୋରି ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୪।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ସ୍କାଉଟ୍ ଓ କ୍ୟାମ୍ପୋରି କ୍ୟାମ୍ପ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇଥିଲେ। ଆସନ୍ତା ୧୯ରୁ ୫ଦିନ ଧରି ଏହି କ୍ୟାମ୍ପୋରି ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦିପ୍ତିମୟୀ ଶୁଭଦର୍ଶିନୀ, ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ଅନିଲ୍ କୁମାର ଦାଶ, ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ପ୍ରଶାନ୍ତ କୁମାର ମିଶ୍ର,ଜିଲା ସ୍କାଉଟ୍ କମିଶନର ତଥା ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସେଠୀଙ୍କ ସମେତ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ,ଶିକ୍ଷକ, ସ୍କାଉଟ୍ ଓ ଗାଇଡ଼୍ ଶିକ୍ଷକମାନେ ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସୂଚନା ମିଳିଛି।

## ଦିନରେ ଖୋର୍ଦ୍ଧା, ରାତିରେ ନୟାଗଡ଼ରେ ବୁଲୁଛନ୍ତି ହାତୀ

ନୟାଗଡ଼/ରଣପୁର,୪।୧ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଓ ଖୋର୍ଦ୍ଧା ଜିଲା ଅଞ୍ଚଳରେ ୧୬ ଟିକିଆ ହାତୀପଲ ଘୁରି ବୁଲୁଛନ୍ତି। ଦିନରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ନାରଗୋଦା, ସିକୋ, ହଜର କାଜୁ ଜଙ୍ଗଲରେ ହାତୀ ବୁଲୁଛନ୍ତି । ସନ୍ଧ୍ୟା ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକ ନରସିଂପୁର, ମୟୂରଝାଲିଆ କାଜୁ ଜଙ୍ଗଲରେ ଘୁରି ବୁଲୁଛନ୍ତି। ତେବେ ନରସିଂହପୁର ଲୋକଙ୍କ ଅଭିଯୋଗ ବେଗୁନିଅ ଅଞ୍ଚଳ ଓ ରଣପୁର ଅଞ୍ଚଳ ଖୋର୍ଦ୍ଧା ବନଖଣ୍ଡରେ ଯାଉଛି। କିନ୍ତୁ ବେଗୁନିଆ ଅଞ୍ଚଳରୁ ହାତୀକୁ ବନବିଭାଗର କର୍ମଚାରୀ ରଣପୁର ଅଞ୍ଚଳକୁ ତଡିଦେବା କେତେଦୂର ଠିକ ବୋଲି ପ୍ରଶ୍ନ କରିଛନ୍ତି। ଯଦି ହାତୀ ଘଉଡାଇବା ଠିକ୍ ତେବେ ରଣପୁର ରେଞ୍ଜ ଅଞ୍ଚଳରୁ ହାତୀ ଘଉଡା ଯାଉ ନାହିଁ କାହିଁକି ବୋଲି ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି ।ରଣପୁର ଅଞ୍ଚଳରେ ହାତୀପଲ ଫସଲ ନଷ୍ଟ କରୁଥିବାର ଅଭିଯୋଗ ହୋଇଛି।

## ଅଖିଳଙ୍କୁ ମିଳୁନି ଭିନ୍ନକ୍ଷମ ପ୍ରମାଣପତ୍ର

ଖଣ୍ଡପଡ଼ା,୪।୧ (ଅଜୟ କୁମାର ମହାରଣା)



କେନ୍ଦ୍ର ଓ ରାଜ୍ୟ ସରକାର ଶାରୀରିକ ଅକ୍ଷମ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ବହୁ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି । ମାତ୍ର ତୃଣମୂଳସ୍ତରରେ ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଛାଶକ୍ତିର ଅଭାବରୁ ସରକାରୀ ଯୋଜନାର ସଫଳ ରୁପାୟନ ହୋଇପାରୁ ନ ଥିବାରୁ ଭିନ୍ନକ୍ଷମମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ଖଣ୍ଡପଡ଼ା ବ୍ଲକ୍‌ର ଖଳିସାହି ପଞ୍ଚାୟତ ଅଧୀନ ବାସୁଦେଇପୁର ଗ୍ରାମର ଅଖିଳ ସାଥୁଆ (୬୭) ଜଣେ ଶାରୀରିକ ଅକ୍ଷମ ବ୍ୟକ୍ତି। ଦୀର୍ଘ ବର୍ଷ ଧରି ପକ୍ଷାଘାତ ରୋଗରେ ସେ ଆକ୍ରାନ୍ତ ହୋଇ ଏବେ ଘରେ ବସି ରହିଛନ୍ତି। ତାଙ୍କର ପୁଅ ନ ଥିବା ବେଳେ ୨ଝିଅଙ୍କ ବିବାହ ପରେ ଏବେ ସ୍ତ୍ରୀଙ୍କ ସହ ଅଖିଳ ଗ୍ରାମରେ ରହୁଛନ୍ତି। ଚଲାବୁଲା କରିବାକୁ ଅଖିଳ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ବେଳେ ଠିକ୍ ରୁପେ କଥା ବି କହିପାରୁନାହାନ୍ତି । ସରକାରଙ୍କ ପକ୍ଷରୁ ତାଙ୍କୁ ଏକ ୩ ଚକିଆ ସାଇକେଲ ପ୍ରଦାନ କରାଗଲେ ସେ ବିଶେଷ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି । ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ଅଖିଳଙ୍କ ପାଖରେ ଏକ ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ସେ ସମସ୍ତ ପ୍ରକାର ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମ୍ପର୍କରେ ସେ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଏଇ ନିକଟରେ ବ୍ଲକ୍‌ସ୍ତରରେ ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଉପସ୍ଥିତ ରହି ଆବେଦନପତ୍ର ଦାଖଲ କରିଛନ୍ତି । ପ୍ରଶାସନିକ ଅଧିକାରୀମାନଙ୍କ ଶୁଭଦୃଷ୍ଟି ପଡ଼ିଲେ ଅଖିଳ ଶେଷ ଜୀବନ ଭଲରେ କାଟିପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି। ପରିଣତ ବୟସରେ ସ୍ତ୍ରୀଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରକରି ଦୁଃଖରେ ଦିନ କାଟୁଥିବା ଏହି ଅଖିଳଙ୍କ ପ୍ରତି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ବାସୁଦେଇପୁର ଗ୍ରାମବାସୀ ନିବେଦନ କରିଛନ୍ତି।

